# ప్రభుత్వ డిగ్రీ కళాశాల, టెక్కలి

# Government Degree College, Tekkali

శ్రీకాకుళం జిల్లా, ఆంధ్ర ప్రదేశ్

తెలుగు, హిందీ, ఒరియా, ఇంగ్లీష్ విభాగాలు

Departments of Telugu, Hindi, Oriya, English

# సాహిత్యంలో మహిళ

# Women in Literature

# साहित्य में नारी

# ଓଡିଆ ସାହିତ୍ୟ ରେ ନାରୀ




Honorary Editor
**Prof. T. Govindamma**

Editor
**Prof. Ayyagari Sitaratnam**


Scanned with OKEN Scanner

# ଓଡ଼ିଆ କାବ୍ୟ ସାହିତ୍ୟର ଅନୁପମ ସମ୍ଭାର : କୁନ୍ତଳା କୁମାରୀ ସାବତ

ଡ. ରାମାରାଓ ମାଝୀ

କୁନ୍ତଳା କୁମାରୀ ସାବତ ଜଣେ ସୁନାମଧନ୍ୟ ଲେଖିକା ତଥା ଜନପ୍ରିୟ କବୟିତ୍ରୀ ଭାବେ ପ୍ରତିଷ୍ଠା ଲାଭ କରିଥିଲେ । ଓଡ଼ିଶାରେ ସ୍ୱାଧୀନତା କାଳରେ ଯେଉଁ କେତେଜଣ ନାରୀ କବିଙ୍କର ଆବିର୍ଭାବ ହୋଇଥିଲା ସେମାନଙ୍କ ମଧ୍ୟରୁ କୁନ୍ତଳା କୁମାରୀ ସାବତ ଅନ୍ୟତମ । ଏକାଧାରରେ ସେ ଡାକ୍ତର, ଲେଖିକା, କବୟିତ୍ରୀ, ଜାତୀୟ ଆନ୍ଦୋଳନର ପୁରୋଧା ଓ ସମାଜସେବୀ ଥିଲେ । ତାଙ୍କୁ ୧୯୨୫ ମସିହାରେ ଉକ୍ରଳ ଭାରତୀ ସମ୍ମାନରେ ସମ୍ମାନିତ କରାଯାଇଥିଲା । କୁନ୍ତଳା କୁମାରୀ ସାବତ ୧୯୦୦ ମସିହା ଫେବୃୟାରୀ ୦୮ ତାରିଖରେ ଛତିଶଗଡ଼ର ଜଗଦଲପୁରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପିତାଙ୍କ ନାମ ଡାନିଏଲ୍ ସାବତ । ସେ ଜଣେ ଚିକିତ୍ସକ ଥିଲେ । ତାଙ୍କ ମାତାଙ୍କ ନାମ ମୋନିକା ସାବତ । ସେ ରେଭେନ୍ସା ବାଳିକା ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରିଥିଲେ । ଓଡ଼ିଶାର ମେଡ଼ିକାଲ୍ ସ୍କୁଲ ଓ କଟକର ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଏବଂ ହସ୍‌ପିଟାଲରେ ଶିକ୍ଷା ଜାରି ରଖିଥିଲେ । ୧୯୨୧ ମସିହାରେ ସ୍ୱର୍ଣ୍ଣପଦକ ସହିତ ଏଲ୍.ଏମ୍.ପି. ଡିଗ୍ରୀ ହାସଲ କରିଥିଲେ । ସେ ଓଡ଼ିଆ, ହିନ୍ଦୀ, ବଙ୍ଗଳା, ଇଂରାଜୀ ଏବଂ ବର୍ମା ଭାଷାରେ ପାରଙ୍ଗମ ଥିଲେ । ତାଙ୍କର ଡାକ୍ତର ଡିଗ୍ରୀ ହାସଲ କରିବା ପରେ ସେ ଡ. କୈଳାସ ଚନ୍ଦ୍ର ରାଓଙ୍କ ଅଧୀନରେ କାର୍ଯ୍ୟରତ ଥିଲେ । ୧୯୨୫ ମସିହାରେ ଓଡ଼ିଶାର କଟକ ଠାରେ ଥିବା ରେଡ୍‌କ୍ରସ୍ ସୋସାଇଟିର ମହିଳା କଲ୍ୟାଣ କେନ୍ଦ୍ରରେ ଯୋଗ ଦେଇଥିଲେ ଏବଂ ୧୯୨୮ ସେ ତାଙ୍କ ପରାମର୍ଶଦାତା କୃଷ୍ଣ ପ୍ରସାଦ ବ୍ରହ୍ମଚାରୀଙ୍କୁ ବିବାହ କରିଥିଲେ ।

ଓଡ଼ିଆ ସାହିତ୍ୟ ଜଗତରେ କୁନ୍ତଳା କୁମାରୀଙ୍କ ଅବଦାନ ଅତୁଳନୀୟ ଅଟେ । ତାଙ୍କ କର୍ମମୟ ଜୀବନରେ ଉପନ୍ୟାସ, ପ୍ରବନ୍ଧ ଓ କବିତା ହିଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହର କରିଥିଲା । ଉପନ୍ୟାସ, କବିତାର ଅନ୍ତରାଳରୁ ହିଁ ତାଙ୍କ କବି ପ୍ରତିଭାର ମହନୀୟ ସତ୍ତାକୁ ପାଠକ ସ୍ପଷ୍ଟ ରୂପେ ଉପଲବ୍ଧ କରିଥାଏ । ପ୍ରତ୍ୟେକ କବିତାରେ ସେ ଦର୍ଶନ ତତ୍ତ୍ୱର ନିଗୂଢ଼ ରହସ୍ୟ ନିଛକ ଭାବେ ପ୍ରତିପାଦିତ କରିବା ସହ ଉପନ୍ୟାସରେ ତାଙ୍କର ଜୀବନ ସଂପର୍କିତ  କେତେକ ବାସ୍ତବ ସମସ୍ୟା ରୂପାୟିତ କରିଛନ୍ତି । ଦେଶାତ୍ମବୋଧ, ଅତୀତ ଗୌରବାନୁଚିନ୍ତା, ଭଗବତ୍ କୃପା, ପ୍ରକୃତି ପ୍ରେମ ପ୍ରଭୃତି ତାଙ୍କ କାବ୍ୟ କବିତାରେ ଦେଖିବାକୁ ମିଳେ ।  ତତ୍କାଳୀନ ସମାଜ ବାଲ୍ୟବିବାହ, ବିଧବା ବିବାହ, ପରଦା ତ୍ୟାଗ, ନାରୀ ଜାଗରଣ ଇତ୍ୟାଦି ନିମନ୍ତେ ସେ ବିଭିନ୍ନ ପତ୍ରପତ୍ରିକାରେ ସମ୍ପାଦିକ ହିସାବରେ ଯଥାର୍ଥ ଉଦ୍ୟମ କରିଥିଲେ । ଅସ୍ପୃଶ୍ୟତା ନିବାରଣ, ଜାତିଗତ ଭେଦ ଓ ସମାଜର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ତାଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ ।



Scanned with OKEN Scanner

ସ୍ୱର୍ଗତ କୁନ୍ତଳା କୁମାରୀ ସର୍ବମୋଟ 'ଛଅ' ଖଣ୍ଡ ଉପନ୍ୟାସ ରଚନା କରିଥିଲେ । ତାଙ୍କ ପ୍ରଥମ ଉପନ୍ୟାସ 'ଭ୍ରାନ୍ତି' ୧୯୨୩ ମସିହାରେ ପ୍ରକାଶ ପାଇଥିଲା । ପରବର୍ତ୍ତୀ ସମୟରେ 'ନଅ ତୁଣ୍ଡି', 'କାଳୀବୋହୂ', 'ପରଶମଣି', 'ରଘୁ ଅରକ୍ଷିତ' ଇତ୍ୟାଦି ପ୍ରକାଶ ପାଇଥିଲା । 'ଚିତ୍ରପଟ' ଅସଂପୂର୍ଣ୍ଣ ଭାବେ ପାଣ୍ଡୁଲିପି ଆକାରରେ ରହିଥିଲା ।

କୁନ୍ତଳା କୁମାରୀ ଉପନ୍ୟାସ ଜଗତରେ ଜଣେ ସଂସ୍କାରିକା ରୂପେ ଆବିର୍ଭୂତ ହୋଇଥିଲେ । ଉପନ୍ୟାସକୁ ମୁଖ୍ୟତଃ ବହୁ ଶସ୍ୟ ଉତ୍ପାଦନ, ବସ୍ତ୍ରବୟନ, ଗୋପାଳ, ଅସ୍ପୃଶ୍ୟତା ନିବାରଣ ପ୍ରଭୃତି ଗାନ୍ଧିଜୀଙ୍କ ଆଦର୍ଶର ପରିପ୍ରଚାର ନିମିତ୍ତ ରଚନା କରିଥିଲେ । ନର ଅପେକ୍ଷା ନାରୀ ଚରିତ୍ର ଚିତ୍ରଣରେ ସେ ଅଧିକ କୃତିତ୍ୱ ଦର୍ଶାଇଛନ୍ତି । ଉପନ୍ୟାସ ଅପେକ୍ଷା କବିତା ଗୁଡ଼ିକରେ ତାଙ୍କର ଯଥାର୍ଥ ପ୍ରତିଭା ପ୍ରତିଫଳିତ ହୋଇଛି । ତାଙ୍କ କବିତାରେ ଭଗବାନ କୌଣସି ନିର୍ଦ୍ଦିଷ୍ଟ ଧର୍ମ ମଧ୍ୟରେ ଆବଦ୍ଧ ନୁହନ୍ତି । ସେ ସର୍ବଧର୍ମର ସମନ୍ୱୟ ଅଟନ୍ତି । କେହି ତାଙ୍କୁ ଅନ୍ତର ମଧ୍ୟରେ ଆବଦ୍ଧ କରିପାରନ୍ତି ନାହିଁ । ଯଦି ବା ସେ ଅନ୍ତରତମ, ଅସୀମ ହେଲେ ମଧ୍ୟ ସସୀମ ମଧ୍ୟେ ତାଙ୍କର ଲୀଳାଖେଳା । ଏହି ଲୀଳା ବିନା ଅସ୍ତିତ୍ୱ କଳ୍ପନାତୀତ । ପ୍ରୀତି ଉଭୟକୁ ଏକାକାର କରିଦିଏ । ସ୍ୱର୍ଗ, ମର୍ତ୍ତ୍ୟ, ମୃତ, ଅମୃତର ତାରତମ୍ୟ ମୁହୂର୍ତ୍ତକେ ଅନ୍ତର୍ହିତ ହୋଇଯାଏ । କୁନ୍ତଳା କୁମାରୀଙ୍କ କାବ୍ୟ ସୃଷ୍ଟି ମଧ୍ୟରେ ଏହା ସ୍ପଷ୍ଟ ପରିଲକ୍ଷିତ ହୋଇଥାଏ ।

କୁନ୍ତଳା କୁମାରୀଙ୍କ କାବ୍ୟ ସୃଷ୍ଟିଗୁଡ଼ିକ ହେଲା- ୧. ଅଞ୍ଜଳି (୧୯୨୨), ୨. ଉଚ୍ଛ୍ୱାସ (୧୯୨୪), ୩. ଅର୍ଚ୍ଚନା (୧୯୨୭), ୪. ପ୍ରେମ ଚିନ୍ତାମଣି (୧୯୨୮), ୫. ସ୍ଫୁଲିଙ୍ଗ (୧୯୨୯), ୬. ଆହ୍ୱାନ (୧୯୩୦), ଓଡ଼ିଆଙ୍କ କାନ୍ଦଣା (୧୯୩୬), 'ଗଡ଼ଜାତ କୃଷକ' ଏବଂ ଅସଂପୂର୍ଣ୍ଣ କାବ୍ୟ 'ମଣିକାଞ୍ଚନ' ଇତ୍ୟାଦି ।

**ଅଞ୍ଜଳି:**

କୁନ୍ତଳା କୁମାରୀଙ୍କ 'ଅଞ୍ଜଳି' କବିତା ସଂକଳନ ଭଗବାନଙ୍କ ଚରଣରେ ଏକ ସଙ୍ଗୀତ ଶ୍ରଦ୍ଧା ପ୍ରୀତିର ଅଞ୍ଜଳି ତଥା ନୈବେଦ୍ୟ ଅଟେ । ଏହି କବିତା ସଂକଳନରେ କବିଙ୍କ ଦାର୍ଶନିକ ଜିଜ୍ଞାସା, ସେବା ପିପାସା, ଭଗବାନଙ୍କ ଦର୍ଶନର ଅଭିଳାଷ ତଥା ଭଗବାନଙ୍କ କରୁଣା ଭିକ୍ଷା ଓ ଅବସାଦ ଜନିତ ବ୍ୟାକୁଳତା ପରିପ୍ରକାଶ ହୋଇଥାଏ । କୁନ୍ତଳା କୁମାରୀଙ୍କ ରଚିତ 'ପୂଜାପଦ୍ଧତି' କବିତାଟି ସେହି ସମୟରେ ସତ୍ୟବାଦୀ ବନବିଦ୍ୟାଳୟରେ ପ୍ରାର୍ଥନା ରୂପେ ଗୃହୀତ ହେଉଥିଲା । ଏହି କବିତାଟିରେ ବିଶ୍ୱ ମାନବିକ ଧର୍ମର ସ୍ୱର ଝଙ୍କାର ଶୁଣିବାକୁ ମିଳେ ।

**ଅର୍ଚ୍ଚନା:**

କୁନ୍ତଳା କୁମାରୀଙ୍କ ଏହି କବିତା ସଂକଳନଟି ବିଲ୍ୱଦଳ, ଦୁର୍ବାଦଳ, ଚମ୍ପାଦଳ ଓ ଶତଦଳ ନାମରେ ଅଭିହିତ । ଏଥିମଧ୍ୟରୁ ବିଲ୍ୱଦଳ, ଦୁର୍ବାଦଳ ଓ ଚମ୍ପାଦଳ ଯଥାକ୍ରମେ ରାଧାନାଥ, ନନ୍ଦକିଶୋର ଓ ମଧୁସୂଦନଙ୍କ ନାମରେ ଉତ୍ସର୍ଗ କରାଯାଇଛି । ଏଥିର ଅଧିକାଂଶ କବିତା

ଦେଶାତ୍ମକ ବୋଧ, ଉତ୍କଳ ପ୍ରୀତି, ଦେଶପ୍ରୀତି ଓ ବିଶ୍ୱପ୍ରୀତ ଭାବ ବହନ କରିଥାଏ । କବିଙ୍କ ଏହି କବିତା ସଂକଳନ ଅସ୍ପୃଶ୍ୟତାର ବେଦନାରେ ଆପ୍ଲୁତ, ବନ୍ୟା, ଦୁର୍ଭିକ୍ଷ, ରୋଗବ୍ୟାଧିରେ ମ୍ରିୟମାଣ ତଥା ଉତ୍କଳ ପ୍ରତି ସମବେଦନାରେ ଅଶ୍ରୁଳ ହୋଇଥିବା ଦେଖାଯାଏ ।

**ଉଚ୍ଛ୍ୱାସ:**

କୁନ୍ତଳା କୁମାରୀଙ୍କ 'ଉଚ୍ଛ୍ୱାସ' କବିତା ସଂକଳନ 'ଛଅ'ଟି ଦୀର୍ଘ କବିତାର ସମଷ୍ଟି ଅଟେ । ଶେଫାଳୀ ପ୍ରତି, ଚନ୍ଦ୍ରପ୍ରତି, କାମିନୀ ପ୍ରତି, ତାରାପ୍ରତି ଓ ସହକାର ପ୍ରତି ଏଥିରେ ସନ୍ନିବେଶିତ । କବିଙ୍କ ଉଚ୍ଛ୍ୱାସ କବିତା ସଂକଳନରେ ଦିବ୍ୟଦୃଷ୍ଟି, ଅନ୍ତର୍ଦୃଷ୍ଟି ଏଥିରେ ବିକଶିତ ହୋଇଛି । ସର୍ବୋପରି ମାନବ ହୃଦୟର ମହନୀୟତା ପ୍ରକାଶ ପାଇବା ସହ ଭଗବତ୍ ସତ୍ତା ଉପଲବ୍ଧି ହୋଇଥାଏ ।

**ଆହ୍ୱାନ:**

ଭାରତର ସ୍ୱାଧୀନତା ଆନ୍ଦୋଳନ ତଥା ସତ୍ୟାଗ୍ରହ ସଂଗ୍ରାମରେ ଯୋଗଦାନ ଦେବା ନିମନ୍ତେ ମହାତ୍ମା ଗାନ୍ଧୀଙ୍କ ବୈପ୍ଳବିକ ସ୍ୱର ଝଙ୍କାରକୁ ଦୃଷ୍ଟିରେ ରଖି କୁନ୍ତଳା କୁମାରୀ 'ଆହ୍ୱାନ' ରଚନା କରିଥିଲେ । ଏଥିରେ ବିଦେଶୀଙ୍କ ଅର୍ଥନୈତିକ ଶୋଷଣ, ନିପୀଡ଼ନ, ଦେଶବାସୀଙ୍କ ବିକଟ ଦାରିଦ୍ର୍ୟ, ରୋଗ-ବ୍ୟାଧି, ଜମିଦାରଙ୍କ ବିଳାସ ବିନ୍ୟାସ, ବିଦେଶୀ ପଦଲେହୀଙ୍କ ବିଶ୍ୱାସ ଘାତକତା, ଲାଲବାହାଦୂର, ଦେୱାନ୍ ପଦ ଲାଭ ଲାଲସା, ଦେଶପ୍ରେମୀଙ୍କ କଳାପାଣି, ଫାଶି, ପୁରସ୍କାର ଇତ୍ୟାଦି ଦେଶର ଘୋର ଅସହାୟତାର ଚିତ୍ର ବର୍ଣ୍ଣନା କରାଯାଇଛି ।

**ସ୍ଫୁଲିଙ୍ଗ :**

ଏହି କବିତାର ପ୍ରଥମାଂଶ ଉଦ୍‌ବୋଧନ ମୂଳକ ଗୀତି କବିତା ଏବଂ ଶେଷାଂଶ ରହସ୍ୟବାଦୀ ହୋଇ ଉଠିଛି । ସ୍ୱାଧୀନତାର ନବଜାଗୃତି ସମୟରେ ଉତ୍କଳୀୟ ଜନଜୀବନର ହୃଦୟ ତନ୍ତ୍ରୀରେ କୁନ୍ତଳା କୁମାରୀ ଶୁଣାଇଛନ୍ତି –

ଶୁଣହେ ମଣିଷ ଭାଇ
ଝୁରି ମରିବାକୁ ବୁଡ଼ି ମରିବାକୁ
ମଣିଷ ଜନମି ନାହିଁ ।

ଦୁର୍ଭିକ୍ଷ, ବନ୍ୟା ଉତ୍କଳର ମହନୀୟତାକୁ ନିଃଶେଷ କରିପାରିନାହିଁ । ବାରବାଟୀ ଭାଙ୍ଗିଛି, କୋଣାର୍କ ଅର୍ଦ୍ଧ ଭଗ୍ନାବସ୍ଥାରେ ମାଟିରେ ଲୋଟିଛି । ଓଡ଼ିଶାର ସୁଦିନର ବାଣିଜ୍ୟ ବିଭବ ଲୋପ ପାଇଛି କିନ୍ତୁ ତାରୁଣ୍ୟ ବଞ୍ଚିଛି । ତେଣୁ ଉତ୍କଳର ତରୁଣ କୁଳ ଉପରେ କବିଙ୍କର ନିବିଡ଼ ଆସ୍ଥା ରହିଛି । ଯାହାର ଅତୀତ ଏତେ ଉଜ୍ଜ୍ୱଳ ତା'ର ଭବିଷ୍ୟତ ଅବଶ୍ୟ ଉଜ୍ଜ୍ୱଳ ହେବ । ସେହି ଉତ୍କଳର ନୂତନ ତରୁଣଙ୍କୁ ଆହ୍ୱାନ ଦେଇ କବି ଜଣାଇଛନ୍ତି ।

କହ କେ ସରଗକୁଳ ଉଦ୍ଧରିବ ଭାଇ

ଦେଶପ୍ରେମ କର୍ମବୀର ଭାଗୀରଥ କାହିଁ ?
ଅନନ୍ତ ମରଣ ଏ ଜାତି କପାଳେ ଲେଖିନାହିଁ ବିଶ୍ୱଧାତ୍ରୀ
ଜାଣିବେ ଜାଣିବେ ଦେଢ଼ କୋଟି ଆତ୍ମା ଅମୃତ ପଥ ଯାତ୍ରୀ ।

**ଓଡ଼ିଆଙ୍କ କାନ୍ଦଣା:**

ଏଠାରେ ମନେହୁଏ, କବି ପାଠକଙ୍କୁ ପାଖରେ ବସାଇ ଯେପରିକି ମର୍ମ ତଳେ ଲେଖି ହୋଇଯାଇଥିବା ଜୀବନର ଘଟଣାବଳୀକୁ ଦର୍ଶାଉଛନ୍ତି । ଏହାର ଭାଷା ଏକାନ୍ତ ଘରୋଇ, ଗାଉଁଲୀ, ବ୍ୟବହାରିକ । ସଂଳାପ ଆବେଗ ସ୍ୱତଃସ୍ଫୂର୍ତ୍ତ ପାହାଡ଼ି ଝରଣା ପରି ସ୍ୱାଭାବିକ । ଏହି କବିତା ସଂକଳନରେ ଜାତିର ସଂଗଠନ କରିବା ହିଁ ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ ।

**ପ୍ରେମଚିନ୍ତାମଣି:**

କବିଙ୍କ ଏହି କବିତା ସଂକଳନ କେତେକ ଗୀତି କବିତାର ସମଷ୍ଟି । କବି ଏଠାରେ ମାନବିକ ପ୍ରଣୟ ଚେତନାର ଦୁର୍ବାର ପ୍ରଣୟ ସ୍ରୋତରେ ଭାସି ଭାସି ଏହି କବିତା ଗୁଡ଼ିକ ରଚନା କରିଛନ୍ତି । ବହୁ କବିତା ମଧ୍ୟରେ ଏହାର ଆବେଗ ଉଷ୍ମତା ସୁସ୍ପଷ୍ଟ ।

ପ୍ରେମ ଚିନ୍ତାମଣି କାବ୍ୟରେ କୁନ୍ତଳା କୁମାରୀ ରହସ୍ୟବାଦୀ ହୋଇ ଉଠିଛନ୍ତି । ଏହାର ଲାଳିତ୍ୟ, ମାଧୁର୍ଯ୍ୟ ଅପୂର୍ବ ମନେହୁଏ । ଏଥିରେ କୁଟ ବୈଷ୍ଣବ ତତ୍ତ୍ୱ ନାହିଁ କିମ୍ବା ଜଟିଳ ଦାର୍ଶନିକ ଚିନ୍ତା ନାହିଁ, କେବଳ କୁନ୍ତଳାଙ୍କ ପ୍ରେମଶୀଳା ମନର ପରିପ୍ରକାଶ ଦେଖିବାକୁ ମିଳିଥାଏ ।

**ମଣିକାଞ୍ଚନ:**

ଆଧୁନିକ କୌଣସି ସମାଲୋଚକଙ୍କ ଆହ୍ୱାନ କ୍ରମେ ଏହି କାବ୍ୟ ରଚନା କରିଥିଲେ । ଏହି ଅସଂପୂର୍ଣ୍ଣ କାବ୍ୟରେ ମଧ୍ୟଯୁଗରୀୟ କାବ୍ୟାଦର୍ଶ ସହିତ ଏକ ଆଦର୍ଶବାଦୀ ମନୋବୃତ୍ତିର ଚମତ୍କାର ମିଳନ ରହିଛି । ରାଧାନାଥ ଓ ଗଙ୍ଗାଧରଙ୍କ ବର୍ଣ୍ଣନା ଶୈଳୀକୁ ଏଥିରେ କବି ପ୍ରୟୋଗ କରିଥିବା ଜଣାଯାଏ ।

ବାସ୍ତବିକ କୁନ୍ତଳା କୁମାରୀ ଥିଲେ ଉତ୍କଳର ବାଣୀ ରାଣୀ । ନବଯୁଗ ସାହିତ୍ୟର ଏକାଗ୍ର ସାଧିକ ରୂପେ ସେ ଓଡ଼ିଆ ସାହିତ୍ୟ ଜଗତକୁ ଯେଉଁ ଅବଦାନ ଦେଇ ଯାଇଛନ୍ତି, ସେଥିପାଇଁ ପ୍ରତ୍ୟେକ ଓଡ଼ିଆ ପ୍ରାଣରେ ଓ ଓଡ଼ିଆ ବାଣୀ ଭଣ୍ଡାରରେ ଚିର ଅମ୍ଳାନ ଅମର ହୋଇ ରହିବେ । କୁନ୍ତଳା କୁମାରୀ ତାଙ୍କ ହୃଦୟ ଏବଂ ଆତ୍ମାର ନିବୃତ୍ତ ଦେଶରୁ ଯେଉଁ ସାହିତ୍ୟ ସୃଷ୍ଟି କରିଛନ୍ତି ତାହା ଓଡ଼ିଶାର ସାମାଜିକ, ରାଜନୈତିକ ଓ ସାଂସ୍କୃତିକ ଉନ୍ନତିରେ ବିଶେଷ ସହାୟକ ହୋଇପାରିଛି । ତେଣୁ ଓଡ଼ିଆ ସାହିତ୍ୟ ଜଗତକୁ କୁନ୍ତଳା କୁମାରୀଙ୍କ ଅବଦାନ ଅତୁଳନୀୟ ।

-o-

ଅଧ୍ୟାପକ,ସରକାରୀ ଡିଗ୍ରୀ ମହାବିଦ୍ୟାଳୟ
ବାରୁଆ, ଆ.ପ୍ର.




Chief Guest Dr. Nandamuri Lakshmi Parvathi addressing ..



Felicitation to Guest of Honour Vice Chancellor
Dr. B. R. Ambedkar University, Srikakulam Prof. Nimma Venkata Rao




Valedictory function Chief Guest Tekkali Sub - Collector
Sri T. Rahul Kumar Reddy, IAS with the staff

INR 499

NON FICTION

ISBN 978-93-5741-626-9

9 789357 416269

BlueRose ONE.com
Stories Matter

www.BlueRoseOne.com